## ସଂକ୍ଷେପରେ

### ଜେକେ କାଗଜକଳ ଉପସଭାପତିଙ୍କୁ ମିଲ୍ ମ୍ୟାନେଜର ସମ୍ମାନ



ରାୟଗଡ଼ା ଅଫିସ,୩।୯- ରାୟଗଡ଼ା ଜିଲା ଜେକେ କାଗଜକଳର କାର୍ଯ୍ୟ ନିର୍ବାହୀ ଉପସଭାପତି (କାର୍ମିକ) ବିନୟ ଦ୍ୱିବେଦୀ ୨୦୨୦-୨୧ ବର୍ଷ ପାଇଁ ମିଲ୍ ମ୍ୟାନେଜର ଅଫ୍ ଦି ଇୟର ସମ୍ମାନରେ ସମ୍ମାନୀତ ହୋଇଛନ୍ତି। ଉତ୍ପାଦନ କ୍ଷେତ୍ରରେ ଭଲ ପ୍ରଦର୍ଶନ ଯୋଗୁ ତାଙ୍କୁ ମୁମ୍ବାଇ ୱାର୍ଲଡ କ୍ୱାଲିଟି କଂଗ୍ରେସ ପକ୍ଷରୁ ସେ ସମ୍ମାନୀତ କରାଯାଇଛି। ଆଭାସୀ ମାଧମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ଏହି ସମ୍ମାନ ପାଇଛନ୍ତି। ବିନୟ ଦ୍ୱିବେଦୀଙ୍କ ଦକ୍ଷ ନେତୃତ୍ୱରେ କରୋନା ମହାମାରୀ ସମୟରେ ସରକାରଙ୍କ ସମସ୍ତ ନିର୍ଦ୍ଦେଶାବଳୀ ପାଳନ କରି ଜେକେ କାଗଜ କଳ ଚାଲିଥିଲା। ପ୍ରଥମ ଲହରବେଳେ ଦେଶରେ ଲକ୍‌ଡାଉନ୍ ଯୋଗୁ ପ୍ରାୟ ସମସ୍ତ ଶିଳ୍ପ ଉଦ୍ୟୋଗ ବନ୍ଦ ଥିଲା। ଏହି ସମୟରେ କଞ୍ଚାମାଲର ସୁପରିଚାଳନା କରି ଶେଷ ପର୍ଯ୍ୟନ୍ତ କାରଖାନା ଚାଲିଥିଲା। ଲକ୍‌ଡାଉନ୍ ହଟିବାପରେ ଜେକେ କାଗଜ କଳ ପୁଣି ଉତ୍ପାଦନ ଆରମ୍ଭ କରିଥିଲା। ଏହା କେବଳ ଦକ୍ଷ ନେତୃତ୍ୱ ଯୋଗୁଁ ସମ୍ଭବ ହୋଇପାରିଛି। ତେବେ ଦ୍ୱିବେଦୀ ଏହି ସମ୍ମାନ ଓ ପୁରସ୍କାରର ଶ୍ରେୟ କାରଖାନାର ସମସ୍ତ କର୍ମଚାରୀଙ୍କୁ ପ୍ରଦାନ କରିଛନ୍ତି।

### ଝିପିଝିପି ବର୍ଷା ଆଲ୍‌ବମ ଲୋକାର୍ପିତ



ରାୟଗଡ଼ା ଅଫିସ,୩।୯-ଅଭିବକ୍ତ କୋରାପୁଟ ଜିଲାର ଗର୍ବ ତଥା ଓଡ଼ିଶା ସଙ୍ଗୀତ ଜଗତର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଦିବଂଗତ ଅନନ୍ତ ଶାନ୍ତିରାଜ ଖୋସଲାଙ୍କ ଶେଷ ସଙ୍ଗୀତ ଝିପିଝିପି ବର୍ଷା ଆଲ୍‌ବମ ଲୋକାର୍ପିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା ପ୍ରେସ୍ କ୍ଲବଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗଦେଇ ଏହାକୁ ଲୋକାର୍ପିତ କରିଥିଲେ। ସେହିପରି ଖୋସ୍‌ଲାଙ୍କ ସ୍ମୃତିରେ ଏକ ଶାନ୍ତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ଲୋକପ୍ରିୟ ଗାୟିକା, ଗାୟକ, ସଙ୍ଗୀତ ନିର୍ଦ୍ଦେଶକ ଏବଂ ସିନେ ଅଭିନେତ୍ରୀ, ଅଭିନେତା ଉପସ୍ଥିତ ଥିଲେ। ପ୍ରଚ୍ଛଦପଟ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କୁ ଏହି ଅବସରରେ ପ୍ରଥମ ଶାନ୍ତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ଗୌତମ, ନିର୍ଦ୍ଦେଶକ ସଞ୍ଜୟ ନାୟକ, ଗୀତିକାର ମୋହିତ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଝିପିଝିପି ବର୍ଷା ଅନନ୍ତ ଶାନ୍ତିରାଜ ଖୋସ୍‌ଲାଙ୍କ ଶେଷ ସଂଗୀତ ନିର୍ଦ୍ଦେଶନା ହୋଇଥିବାବେଳେ ଏହାକୁ କଣ୍ଠଶିଳ୍ପୀ ପ୍ରଦୀପ ସାହୁ ଏବଂ ମୋନାଲିସା ପଣ୍ଡା ଯୁଗଳଭାବେ କଣ୍ଠଦାନ କରିଛନ୍ତି। କୁନ୍ଦନ କ୍ରିଏସନ ଓ ଲିସା କ୍ରିଏସନରେ ପ୍ରସ୍ତୁତ ଏହି ଆଲ୍‌ବମର ନିର୍ଦ୍ଦେଶନା ଦେଇଛନ୍ତି ନରେନ୍ଦ୍ର କୁମାର ମିଶ୍ର। ବ୍ୟୋମକେଶ ମହାନ୍ତି ଚିତ୍ର ଉତ୍ତୋଳନ ଓ ସମ୍ପାଦନା କରିଛନ୍ତି। ସୁବ୍ରତ କୁମାର ଦାସ ଏଥିରେ ନାୟକ ଭୂମିକାରେ ଥିବାବେଳେ ନବାଗତା ପ୍ରାଞ୍ଜଳ ପାତ୍ର ନାୟିକା ଭୂମିକାରେ ଅଭିନୟ କରିଛନ୍ତି। ଏହି ଆଲବମ୍‌ର ସମସ୍ତ ସୁଟିଂ ଅବିଭକ୍ତ କୋରାପୁଟ ଜିଲାରେ ହୋଇଛି। ଅନ୍ୟାନ୍ୟ ଭୂମିକାରେ ବିଶ୍ୱାବସୁ ରଜୁଗୁରୁ ମହାପାତ୍ର , ପରୀ, ଅନନ୍ତ, ହରି ପ୍ରମୁଖ ରହିଛନ୍ତି। ଶାଶତୀ ସାହୁଙ୍କ ନିବେଦିତ ଏହି ଆଲ୍‌ବମ ରାଜ୍ୟରେ ସାରା ରାଜ୍ୟରେ ଚହଳ ସୃଷ୍ଟି କରିବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ଆଶା ରଖିଛି।

### ୧୦ ଫୁଟର ଅଜଗର ଉଦ୍ଧାର



ରାୟଗଡ଼ା ଅଫିସ,୩।୯- ରାୟଗଡ଼ା ସହର ହନୁମାନ ମନ୍ଦିର ନିକଟରୁ ଗୁରୁବାର ରାତିରେ ଏକ ୧୦ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରାଯାଇଛି। ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ପରେ ଗୁମ୍ମା ସଂରକ୍ଷିତ ଜଙ୍ଗଲରେ ଛଡ଼ାଯାଇଥିବା ଜଣାପଡ଼ିଛି।

# ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ଜୋର ଧରିଲା

**୧୦ରେ ମୁଖ୍ୟ ବିଚାରପତିଙ୍କୁ ସଂଘ ଦେବ ଦାବିପତ୍ର**

ଜୟପୁର,୩।୯ (ନି.ପ୍ର.)

ଅବିଭକ୍ତ କୋରାପୁଟ ଜିଲାର ଜୟପୁରଠାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ପୁଣି ଉଠିଛି। ଆସନ୍ତା ୧୦ ତାରିଖରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜୟପୁର ଗସ୍ତରେ ଆସି ଜିଲା କୋର୍ଟର ନୂତନ କୋଠାର ଲୋକାର୍ପଣ କରିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଜିଲା ଓକିଲ ସଂଘ ମୁଖ୍ୟ ବିଚାରପତିଙ୍କୁ ଦାବିପତ୍ର ପ୍ରଦାନ କରିବ ବୋଲି ସଂଘ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ବାର୍ ସଦସ୍ୟଙ୍କୁ ନେଇ ଆଲୋଚନାକରି ପଦକ୍ଷେପ ନେବ ବୋଲି ସଭାପତି ସରୋଜ ଦାଶ କହିଛନ୍ତି। ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ଏକ ବେଞ୍ଚ ପ୍ରତିଷ୍ଠା ନେଇ ଦୀର୍ଘ ୧୫ ବର୍ଷ ହେବ ଦାବି ହୋଇ ଆସୁଛି । ୧୯୮୧ରେ ଗଠିତ କେନ୍ଦ୍ର ସରକାରଙ୍କ ଯଶବନ୍ତ ସିଂ କମିଶନଙ୍କ ସୁପାରିସ ଆଧାରରେ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦିଗରେ ସମସ୍ତ ସର୍ତ୍ତ ପୂରଣ କରୁଛି । ଜୟପୁରଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ସବୁ ସର୍ତ୍ତ ପୂରଣ କରୁଥିବା କମିଶନ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଜୟପୁରଠାରୁ କଟକସ୍ଥିତ ହାଇକୋର୍ଟ ଦୂରତା ୬ ଶହ କି.ମି.। ଯାତାୟାତ ପାଇଁ ଏଠାରୁ ସିଧାସଳଖ ଗୋଟିଏ ବସ୍‌ରୁ ୨ଟି ନାହିଁ। ଅଜ୍ଞାନତା ହେତୁ ଏହି ଅଞ୍ଚଳର ବହୁ ଆଦିବାସୀ ଓ ଗରିବ ଶ୍ରେଣୀର ଲୋକ ହାଇକୋର୍ଟରେ ମାମଲା ଲଢ଼ି ନ ପାରି ନିଜ ଅଧିକାର ହରାଇ ବସୁଛନ୍ତି। ଓଡ଼ିଶାର ଅନ୍ୟ ଯେଉଁସବୁ ସହରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ହୋଇଆସୁଛି ସେଗୁଡ଼ିକ କଟକଠାରୁ ଜୟପୁର ଅପେକ୍ଷା କମ୍ ଦୂରତାରେ ରହିଛନ୍ତି । ରାଜ୍ୟ ସରକାର ସବୁ ଦୃଷ୍ଟିରୁ ବିଚାରକରି ଜୟପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେବା ପାଇଁ ସଂଘ ଦାବି କରିଛି। ଖବରଦାତା ସମ୍ମିଳନୀରେ ଜିଲା ଓକିଲ ସଂଘ ସମ୍ପାଦକ ଆନନ୍ଦ ରଥ, ଉପସଭାପତି ପିଣ୍ଟୁ ମାଝି, ଯୁଗ୍ମ ସମ୍ପାଦକ ଗିରିଧର ଖରା, କୋଷାଧକ୍ଷ ଗୋପ ସାନ୍ତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ପକ୍କାରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ ଦାବି

**ଏଏପି ମହିଳା ମୋର୍ଚ୍ଚା ପକ୍ଷରୁ ରାୟଗଡ଼ା ବ୍ଲକ କାର୍ଯ୍ୟାଳୟ ଘେରାଉ**

ରାୟଗଡ଼ା ଅଫିସ,୩।୯



ଏଏପି କର୍ମକର୍ତ୍ତା ଓ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ରାୟଗଡ଼ା ଜିଲା ଆମ୍ ଆଦମୀ ପାର୍ଟି (ଏଏପି) ମହିଳା ମୋର୍ଚ୍ଚା ପକ୍ଷରୁ ସଭାନେତ୍ରୀ ସୁଚିତ୍ରା ପାଇକଙ୍କ ନେତୃତ୍ୱରେ ଶୁକ୍ରବାର ରାୟଗଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଦର ବ୍ଲକ ଡାଙ୍ଗଲୋଡି ପଞ୍ଚାୟତ ଅଧୀନ ପାଙ୍ଗାବାଇ ଏବଂ ମିରାବାଲି ପଞ୍ଚାୟତର ସାନ୍ଧୁବାଡ଼ି ଗ୍ରାମକୁ ପକ୍କାରାସ୍ତା ନିର୍ମାଣ ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଦଳ ପକ୍ଷରୁ ଦାବି ହୋଇଛି। ଏ ନେଇ ବିଡିଓ ଲକ୍ଷ୍ମୀ ନାରାୟଣ ସାବତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏକମାସ ମଧ୍ୟରେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଏଥିରେ ଉଲ୍ଲେଖ ରହିଛି। ପାଙ୍ଗାବାଇ ଓ ସାଲୁବାଡ଼ି ଗ୍ରାମବାସୀ ପାନୀୟ ଜଳ ନିମନ୍ତେ ନିକଟସ୍ଥ ଝରଣା ଉପରେ ନିର୍ଭରଶୀଳ। ବର୍ଷାଦିନେ ସେଥିରୁ ଗୋଳିଆ ପାଣି ଆସୁଥିବାବେଳେ ଖରାଦିନେ ଝରଣା ଶୁଖିଯାଉଛି। ଫଳରେ ଗ୍ରାମବାସୀ ଅସୁବିଧା ଭୋଗୁଛନ୍ତି। ଏ ନେଇ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନକୁ ଅଭିଯୋଗ ଜଣାଇଥିଲେ ମଧ୍ୟ ତାହାକୁ ଗୁରୁତ୍ୱ ଦିଆଯାଇ ନ ଥିବା ଏଏପି ଜିଲା ସଭାନେତ୍ରୀ ଅଭିଯୋଗ କରିଛନ୍ତି। ଉପାନ୍ତ ଜିଲା ରାୟଗଡ଼ାରେ ପାଣି ପାଇଁ ମହିଳାମାନଙ୍କୁ ଅନେକ ଦୂର ଚାଲିଯିବାକୁ ପଡୁଛି। ତେଣୁ ଶୀଘ୍ର ସମସ୍ୟାର ସମାଧାନ ନିମନ୍ତେ ସେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ଆପ୍‌ର ରାଜ୍ୟ ସମ୍ପାଦକ, ଓଡ଼ିଶା ମୁଖପାତ୍ର ତଥା ରାୟଗଡ଼ା ଜିଲା ଆବାହକ ଜନ୍ମେଜୟ ସ୍ୱାଇଁଙ୍କ ସମେତ ଯୁବ ସଙ୍ଗଠକ ଜିତେନ୍ଦ୍ର ସେନାପତି, ସନ୍ତୋଷ ପାଇକ, ରାମ ନାୟକ, ହେମନ୍ତ ଖୋସଲା, ନଗର ସଙ୍ଗଠକ ରବିନ୍ଦ୍ର ସାହୁ, ଲଳିତ ମୋହନ ଜେନା, ଉମାଚରଣ ଗୌଡ଼, ପ୍ରବୀଣ ନାୟକ, ଅଭିମନ୍ୟୁ ବେହେରା, ଅନନ୍ତ ଶଗଡ଼ିଆ, ମହିଳା ସଙ୍ଗଠକ ମଧୁସ୍ମିତା ପାଇକ, ବିଷ୍ଣୁପ୍ରିୟା ଝୋଡ଼ିଆଙ୍କ ସମେତ ପାଙ୍ଗାବାଇ ଓ ସାନ୍ଧୁବାଡ଼ି ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆଦିବାସୀ ବନବାସୀଙ୍କ ଜୀବନ, ଜୀବିକାରେ ହେବ ଉନ୍ନତି

**ଜଙ୍ଗଲ ଜମି ଅଧିକାର ଆଇନ କାର୍ଯ୍ୟକାରିତା ନେଇ କର୍ମଶାଳା**

ରାୟଗଡ଼ା ଅଫିସ,୩।୯

ରାୟଗଡ଼ା ଜିଲାରେ ବସବାସ କରୁଥିବା ଜନଜାତି ଓ ପାରମ୍ପରିକ ବନବାସୀ ମାନଙ୍କ ଜୀବନ ଜୀବିକାରେ ଉନ୍ନତି ନିମନ୍ତେ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରିତା ପାଇଁ ବୈଷୟକ ଜ୍ଞାନ ପ୍ରୟୋଗ କରି ଜମି ପଟ୍ଟା ପ୍ରଦାନ କରିବା ନିମନ୍ତେ ଶୁକ୍ରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଡିଆରଡିଏ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ କର୍ମଶାଳାରେ ଜିଲାପାଳ ସରୋଜ କୁମାର ମିଶ୍ର ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ କର୍ମଶାଳା ଉଦ୍ଦେଶ୍ୟ ଓ ଏବେକାର ସ୍ଥିତିରେ ଜଙ୍ଗଲ ଜମି ଅଧିକାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ସେହିପରି ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଦ୍ୱାରା ଜଙ୍ଗଲରେ ବସବାସ କରୁଥିବା ଜନଜାତି ଓ ପାରମ୍ପରିକ ବନବାସୀଙ୍କ ଜୀବନ, ଜୀବିକାରେ ଉନ୍ନତି ଘଟିବ ବୋଲି ଜିଲାପାଳ କହିଛନ୍ତି। ବୈଷୟକ ଜ୍ଞାନ କୌଶଳ ପ୍ରୟୋଗ କରି ନୂତନ ପ୍ରୟାସ ଫଳରେ ଜଙ୍ଗଲ ଜମି ଅଧିକାର ସମ୍ବନ୍ଧିତ ଦାବିଗୁଡିକର ସମାଧାନ ହୋଇପାରିବ। ଏହି ନୂତନ ପ୍ରୟାସରେ ପ୍ରଥମ ପର୍ଯ୍ୟାୟରେ ଜିଲାର ୬ ବ୍ଲକ ଯଥା ରାୟଗଡ଼ା ସଦର ବ୍ଲକ, କୋଲନାରା, ବିଷମକଟକ, ମୁନିଗୁଡା, ଚନ୍ଦ୍ରପୁର ଓ କଲ୍ୟାଣସିଂହପୁରର ୪୪୦ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି । ରାଜ୍ୟ ଆନୁସୂଚିତ ଜନଜାତି ଓ ଜାତି ବିକାଶ ବିଭାଗ ଓ ପ୍ରଦାନ ସ୍ୱେଚ୍ଛାସେବୀ ସଂସ୍ଥାର ବୁଝାମଣା ଅନୁଯାୟୀ ଜଙ୍ଗଲ ଜମି ଅଧିକାରୀ ଜନିତ ଦାବିଗୁଡ଼ିକର ସମାଧାନ ଓ ଜୀବନ ଜୀବିକା ପ୍ରଦାନ ନିମନ୍ତେ ଏହା କାର୍ଯ୍ୟକରୀ ହେବ। ଜମି ମାପଚୁପ କରିବା ପାଇଁ ଜିପିଏସ୍ ମୋବାଇଲ ମାଧ୍ୟମରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଜିଲାପାଳ ଏଥିରେ ସହମତି ପ୍ରକାଶ କରି ବ୍ଲକ ସ୍ତରୀୟ ସମନ୍ୱୟ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଏ ନେଇ ମାସକୁ ଥର ବୈଠକ କରାଯିବ ବୋଲି କହିଥିଲେ। କର୍ମଶାଳାରେ ଡିଆର୍‌ଡିଏ ପିଡି ମହେଶ୍ୱର ନାଏକ, ଗୁଣପୁର ଉପଜିଲାପାଳ ସୋନାଲ୍ ଜେନା, ରାୟଗଡ଼ା ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ୬ ବ୍ଲକର ବିଡିଓ, ତହସିଲଦାର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପ୍ରଦାନ ଅନୁଷ୍ଠାନ ପକ୍ଷରୁ ଶୈଳବାଳା ପଣ୍ଡା ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଚୋରାମଦ କାରବାର ବିରୋଧରେ ମହିଳାଙ୍କ ଶୋଭାଯାତ୍ରା

କୋଟପାଡ଼,୩।୯(ଡି.ଏନ.ଏ.)– ଚୋରାମଦ କାରବାର ବନ୍ଦ କରିବା ଲାଗି ଡାମଣାହାଣ୍ଡି ଗ୍ରାମର ଶତାଧିକ ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀ ପୂର୍ବରୁ କୋଟପାଡ ଅବକାରୀ ବିଭାଗ ଓ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କିଛି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଶୁକ୍ରବାର ମହିଳାମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ମଦ ବିକ୍ରି ହେଉଥିବା ସ୍ଥାନରେ ଚଢାଉ କରିଥିଲେ। ଏହି ଖବର ପାଇ ଅବକାରୀ କର୍ମଚାରୀ ଓ ପୋଲିସ ସେଠାରେ ପହଞ୍ଚି ମହିଳାମାନଙ୍କ ସହ ସାମିଲ ହୋଇ ଚଢାଉ କରିଥିଲେ। ୩ଜଣଙ୍କୁ ଗିରଫ କରିଥିଲେ। ଥାନା ଅଧିକାରୀ ଶେଷଦେବ ବେହେରା,ଅବକାରୀ ବିଭାଗ ଅଧିକାରୀ ତ୍ରିପତି ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ପ୍ରତି ୱାର୍ଡରେ ହେବ ଗଣେଶପୂଜା

କୋରାପୁଟ,୩।୯(ସ୍ୱ.ପ୍ର)



ସହରର କଳାନିକେତନ ଛକଠାରେ ଗଣେଶଙ୍କ ମୂର୍ତ୍ତି ବିକ୍ରି ପାଇଁ ଖୋଲିଥିବା ଦୋକାନ।

ଚଳିତ ମାସ ୧୦ ତାରିଖରେ ପଡୁଛି ଗଣେଶ ପୂଜା। ଏଥିପାଇଁ କୋରାପୁଟ ସହରରେ ବିଭିନ୍ନ ପୂଜା କମିଟି ପକ୍ଷରୁ କୋଭିଡ ନିୟମ ଅନୁଯାୟୀ ପୂଜା କରିବାକୁ ପ୍ରସ୍ତୁତି ଆରମ୍ଭ କଲେଣି। ଆଗକୁ ପୌର ନିର୍ବାଚନ ଥିବାରୁ ସହରର ପ୍ରତି ୱାର୍ଡରେ ଗଣେଶ ପୂଜା କରିବାକୁ ପୂଜା କମିଟିଗୁଡ଼ିକ ଲକ୍ଷ୍ୟ ରଖିଛନ୍ତି। ବ୍ୟବସାୟୀ ମାନେ ମଧ୍ୟ ରାୟପୁର, ନାଗପୁର, ବିଶାଖାପାଟଣା, ବିଜୟନଗର ଆଦି ସ୍ଥାନରୁ ଗଣେଶ ମୂର୍ତ୍ତି ଆଣି ସହରର କଳାନିକେତନ, ଅମଲାକୁଟିର ଲାଇନ, ବନଭାରତୀ କଲୋନୀ ବାଟମଙ୍ଗଳା ଅସ୍ଥାୟୀ ମଣ୍ଡପଠାରେ ବିକ୍ରି କରିବା ଆରମ୍ଭ କରିଦେଇଛନ୍ତି। ୧୦୦ ଟଙ୍କାରୁ ଆରମ୍ଭ କରି ୨୦ ହଜାର ପର୍ଯ୍ୟନ୍ତ ଗଣେଶ ମୂର୍ତ୍ତି ରହିଛି। ଚଳିତବର୍ଷ ମୂର୍ତ୍ତି ବିକ୍ରି ଭଲ ହେବ ବୋଲି ଆଶା ରଖିଥିବା କହିଛନ୍ତି ବ୍ୟବସାୟୀ ସତୀଶ କୁମାର। କୋଭିଡ ସତ୍ତ୍ୱେ ଗଣେଶ ପୂଜା ନେଇ ସହରରେ ବିଭିନ୍ନ ସାଜସଜ୍ଜା ଦୋକାନରେ ବର୍ତ୍ତମାନଠାରୁ ଭିଡ ଦେଖିବାକୁ ମିଳିଲାଣି।

## ୨୨ କେଜି ଗଞ୍ଜେଇ ଜବତ

ଗୁଣପୁର,୩।୯(ଡି.ଏନ୍.ଏ.)

ଗାଡି ଯାଞ୍ଚ ବେଳେ ରାୟଗଡା ଜିଲା ରାମନାଗୁଡା ଫାଣ୍ଡି ପୋଲିସ ୨୨ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳର ବିଶ୍ୱନାଥ ମେହେର। ପୋଲିସ ଅଭିଯୁକ୍ତଙ୍କ ବାଇକ ଓ ମୋବାଇଲ ମଧ୍ୟ ଜବତ କରିଛି। ଏସ୍‌ଡିପିଓ ଅଜୟ କୁମାର ବାରିକଙ୍କ ସୂଚନାନୁଯାୟୀ, ଶୁକ୍ରବାର ରାମନାଗୁଡା ପୋଲିସ ବାଙ୍ଗି ଛକରେ ଗାଡି ଯାଞ୍ଚ କରୁଥିଲା। ଏହି ସମୟରେ ଅଭିଯୁକ୍ତ ବିଶ୍ୱନାଥ ଗଞ୍ଜେଇ ନେଇ ଆସୁଥିଲେ। ପୋଲିସ ଯାଞ୍ଚ ବେଳେ ଏହା ଜାଣିପାରି ତାଙ୍କୁ ଗିରଫ କରିଥିଲା।

## ବୃଦ୍ଧାଙ୍କୁ ଅସଦାଚରଣ, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୩।୯(ଡି.ଏନ.ଏ.):

ବୃଦ୍ଧାଙ୍କୁ ଅସଦାଚରଣ ଅଭିଯୋଗରେ ଦିଗପହଣ୍ଡି ପୋଲିସ ଶୁକ୍ରବାର ଚୁଡ଼ୁଙ୍ଗପୁର ଗ୍ରାମର ସୀମା ପାତ୍ରଙ୍କୁ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୨୨୬/୨୧ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଇ ଦିଆଯାଇଛି। ଗତ ଗୁରୁବାର ଅଭିଯୁକ୍ତ ଜଣକ ଦିଗପହଣ୍ଡି ବଜାର ସାହିର ଜଣେ ବୃଦ୍ଧାଙ୍କୁ ଘରେ ପଶି ଟଣାଓଟରା କରିବା ସହ ଧମକ ଚମକ ଦେଇଥିଲେ। ବୃଦ୍ଧାଙ୍କ ବଡ଼ ପୁଅ ଦୌଡି ଆସିବାରୁ ଅଭିଯୁକ୍ତ ଜଣକ ସେଠାରୁ ଖସି ଯିବାକୁ ଉଦ୍ୟମ କରିବା ବେଳେ ଆଖପାଖରେ ଥିବା ଲୋକେ ତାଙ୍କୁ ଧରି ପୋଲିସକୁ ଜଣାଇଥିଲେ।

## ବାଲି ବୋଝେଇ ଟିପ୍ପର ଜବତ

ଶେରଗଡ,୩।୮(ଡି.ଏନ,ଏ.)

ଶେରଗଡ଼ ତହସିଲଦାର ଡ.ଦୟାସିନ୍ଧୁ ପରିଡ଼ା ଗୁରୁବାର ରାତିରେ ଢିଙ୍କିଶାଳ ଗ୍ରାମ ଦେଇ ଯାଉଥିବା ଏକ ବାଲି ବୋଝେଇ ଟିପ୍ପରକୁ ଜବତ କରିଥିଲେ। ଟିପ୍ପର ବେଆଇନ୍ ବାଲି ଚାଲାଣ କରୁଥିବା ଅଭିଯୋଗରେ ସମ୍ପୃକ୍ତ ଗାଡ଼ି ମାଲିକଙ୍କଠାରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରି ଗାଡ଼ିକୁ ଛାଡି ଦେଇଥିଲେ। ଚଢାଉରେ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ମନୋଜ କୁମାର ନାହାକ , ପି .ପଞ୍ଚମା ଥିଲେ।

## ଜାତୀୟ ପୁଷ୍ଟିକର ଖାଦ୍ୟ ସପ୍ତାହ

ବୁଗୁଡ଼ା,୩।୯(ଡି.ଏନ.ଏ.)

ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ତଳଓଡ଼ିଆ ସାହି ଅଙ୍ଗନୱାଡି କେନ୍ଦ୍ରରେ ଶୁକ୍ରବାର ସ୍ଥାନୀୟ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ସେକ୍ଟର ସ୍ତରୀୟ ଜାତୀୟ ପୁଷ୍ଟିକର ଖାଦ୍ୟ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ସିଡିପିଓ ରଞ୍ଜିତା ତ୍ରିପାଠୀ, ଅଞ୍ଚଳ ପରିଦର୍ଶିକା ଜି.ରଶ୍ମି ଏବଂ ଅଙ୍ଗନୱାଡି କର୍ମୀମାନେ ଯୋଗଦେଇ ପ୍ରସୂତି, ଗର୍ଭବତୀ ଓ ଶିଶୁମାନଙ୍କ ସକାଶେ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ।

# ଲ୍ୟାମ୍ପ୍‌ସରେ ୨ବଦଳରେ ମିଳୁଛି ୧ ବସ୍ତା ସାର



ଲ୍ୟାମ୍ପ୍‌ସ କାର୍ଯ୍ୟାଳୟ ନିକଟରେ ଚାଷୀ ଭିଡ଼ ଜମାଇଛନ୍ତି।

**ଚାଷୀଙ୍କ ମଧ୍ୟରେ ଅସନ୍ତୋଷ**

ଚନ୍ଦ୍ରପୁର,୩।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ସଦରସ୍ଥିତ ଲ୍ୟାମ୍ପ୍‌ସରେ ଗୁରୁବାର ଚାଷୀଙ୍କୁ ସାର ବିକ୍ରି କରାଯାଇଛି। ହେଲେ ପ୍ରତ୍ୟେକ ଚାଷୀଙ୍କୁ ୨ ବସ୍ତା ୟୁରିଆ ସାର ବଦଳରେ ମାତ୍ର ଗୋଟିଏ ବସ୍ତା ମିଳୁଛି। ସେହିପରି ଡିଏପି ସାର ମଧ୍ୟ ଗୋଟିଏ ବସ୍ତା ମିଳୁଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦିଆଯାଉଥିବା ସାର ଜମିକୁ ନିଅଣ୍ଟ ହେଉଛି ବୋଲି ହନୁମନ୍ତପୁର ପଞ୍ଚାୟତ ସଦର ଏବଂ ବେଲାମଗୁଡ଼ାର ଅଗ୍ରଣୀ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଗୋଟିଏ ବସ୍ତା ସାର ପାଇଁ ଚାଷୀଙ୍କୁ ଦିନସାରା ଧାଡ଼ିରେ ଠିଆହେବାକୁ ପଡୁଛି। ସାର ବିଷୟକୁ ନେଇ ଲ୍ୟାମ୍ପ୍‌ସ କର୍ମଚାରୀଙ୍କୁ ପଚାରିବାରୁ, ନିର୍ଦ୍ଦେଶ ଅନୁଯାୟୀ ଗୋଟିଏ ବସ୍ତା ସାର ଦିଆଯାଉଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ସାର ଅଭାବ ସମୟରେ ଲ୍ୟାମ୍ପ୍‌ସ ଏମ୍‌ଡି ଅନୁପସ୍ଥିତ ଥିବା ଦେଖିବାକୁ ମିଳିଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ



ଘଟଣାସ୍ଥଳରେ ପୋଲିସ ତଦନ୍ତ ଚଳାଇଛି ।

ବିଷମକଟକ,୩।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ଥାନା ମାର୍କମା ସେତୁ ନିକଟରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଜବତ କରାଯାଇଛି। ମୃତକ ହେଲେ ବିଷମକଟକ ଥାନା ଅଧୀନ ଖାଲସାହିର ଜଗଦିଶ୍ୱର ପଣ୍ଡା।

ସୂଚନା ଅନୁଯାୟୀ, ଗୁରୁବାର ରାତିରେ ପୋଲିସ ପାଟ୍ରୋଲିଂବେଳେ ଜଗଦିଶ୍ୱରଙ୍କ ବାଇକ୍ ମାର୍କମା ସେତୁ ନିକଟରେ ଦେଖି ଥାନାକୁ ଆଣିଥିଲା। ଶୁକ୍ରବାର ସକାଳେ ଏକ ବିଦ୍ୟୁତ୍ ଖୁଣ୍ଟ ନିକଟ ଖାଲରେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ତେବେ ଉକ୍ତ ବିଦ୍ୟୁତ୍ ଖୁଣ୍ଟରେ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ସେଠାରେ ତାଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟି ନ ଥିବା ସ୍ପଷ୍ଟ ହୋଇଛି। ଜଗଦିଶ୍ୱର ବିଦ୍ୟୁତ୍ ମରାମତି କାମ କରୁଥିବାବେଳେ ଗୁରୁବାର ସକାଳେ ସେ ପାଣି ମୋଟର ମରାମତି ପାଇଁ ନିକଟ ବୁଡୁଣିଗାଁ ଯାଇ ଆଉ ଫେରି ନ ଥିବା ପରିବାର ଲୋକଙ୍କ ଠାରୁ ସୂଚନା ମିଳିଛି। ତେଣୁ ଜଗଦିଶ୍ୱର ଅନ୍ୟ କୌଣସି ସ୍ଥାନରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବାବେଳେ ଭୟରେ କେହି ତାଙ୍କୁ ଆଣି ସେତୁ ନିକଟରେ ଫୋପାଡ଼ିଥିବା ପୋଲିସ ଅନୁମାନ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ବିଷମକଟକ ଥାନାଧିକାରୀ ସୁବାସ ଚନ୍ଦ୍ର କରକରିଆ ସୂଚନା ଦେଇଛନ୍ତି।

# ନାଟ୍ୟଗୁରୁ କର୍ଣ୍ଣ ଗୌଡ଼ ସମ୍ବର୍ଦ୍ଧିତ



ବୋରିଗୁମ୍ମା,୩।୯(ଡି.ଏନ.ଏ.)

ସ୍ଥାନୀୟ ମାଇଛୋଟା ସ୍କୁଲଠାରେ ପ୍ରଜ୍ଞା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ ପକ୍ଷରୁ ନାଟ୍ୟଗୁରୁ କର୍ଣ୍ଣ ଗୌଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେ ଗତ ଦିନରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଓଡିଶା ସଙ୍ଗୀତ ଏକାଡେମୀ ଦ୍ୱାରା କବି ଉପେନ୍ଦ୍ରଭଞ୍ଜ ନାଟ୍ୟ କଳା ପୁରସ୍କାର ପାଇଥିଲେ। ସେଠାରୁ ଫେରିବା ପରେ ତାଙ୍କୁ ଏଠାରେ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ଡ଼ ରଜତ କୁମାର ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ଏନ. ରାଜେଶ କୁମାର ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେଅଞ୍ଚଳର ବରିଷ୍ଠ କଳାକାର ସୁରେଶ ରାଉତ ଅନ୍ୟତମ ଅତିଥି ଭାବେ ବାଲାଜୀ ସାମନ୍ତରାୟ, ସୌମେନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଅଶୋକ ଷଡଙ୍ଗୀ, ଏମ. ସତ୍ୟ ନାରାୟଣ ଆଚାରୀ, ପବିତ୍ର ମୋହନ ଦାସ, ରାଜେଶ ନାୟକ, ସରୋଜ ପ୍ରହରାଜ, ଟୁଟୁ ସାହୁ, ଅନ୍ୱିତ ପାଢ଼ୀ, କନକ ମଞ୍ଜରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତ ଗୃହ ନିର୍ମାଣ ବିବାଦର ସମାଧାନ କଲେ

**ଡିଆର୍‌ଡିଏ ପିଡିଙ୍କ କଲ୍ୟାଣସିଂହପୁର ବ୍ଲକ ଗସ୍ତ**

ରାୟଗଡ଼ା ଅଫିସ,୩।୯

ରାୟଗଡ଼ା ଡିଆର୍‌ଡିଏ ପିଡି ମହେଶ୍ୱର ନାୟକ ଶୁକ୍ରବାର କଲ୍ୟାଣସିଂହପୁର ବ୍ଲକ ଗସ୍ତକରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କାନ୍ଧକାତିପଡ୍ଡୁ ପଞ୍ଚାୟତକୁ ଯାଇ ସେଠାରେ ଦୀର୍ଘଦିନ ଧରି ପଡ଼ିରହିଥିବା ପଞ୍ଚାୟତ ଗୃହ ନିର୍ମାଣ ସମସ୍ୟାର ସମାଧାନ ନିମନ୍ତେ ସରପଞ୍ଚ ଓ ଅନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ବିବାଦ ଯୋଗୁ ପଞ୍ଚାୟତ ଗଠନ ପରେ ମଧ୍ୟ ଏ ପର୍ଯ୍ୟନ୍ତ ପଞ୍ଚାୟତ ଗୃହ ହେଇପାରୁ ନ ଥିଲା। ଗୃହ ନିର୍ମାଣ ବିବାଦ ମାମଲା ଅଦାଲତରେ ପହଞ୍ଚିଥିଲା। ଶେଷରେ ଡିଆର୍‌ଡିଏ ପିଡିଙ୍କ ହସ୍ତକ୍ଷେପ ପରେ ଉଭୟ ସରପଞ୍ଚ, ତାଙ୍କ ସମର୍ଥକ ଏବଂ ଗ୍ରାମବାସୀଙ୍କୁ ନେଇ ଆଲୋଚନା ପରେ ଅମିଗୁ ଦାନ୍ତିଲିଙ୍ଗଠାରେ ଗୃହ ନିର୍ମାଣ କରିବାକୁ ସହମତି ପ୍ରକାଶ କରିଛନ୍ତି। ଏହାପରେ ପିଡି ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିର୍ମିତ ଗମାଚାନ୍ଦିନୀ, ଗ୍ରାମ୍ୟ ନିର୍ମାଣ ରାସ୍ତାଠାରୁ କାର୍ଲକତା ରାସ୍ତା କାମର ଅନୁଧ୍ୟାନ କରିଥିଲେ। ସେଠାରୁ ଥେରୁବାଲିରୁ ପାକଲି ମଧ୍ୟରେ ଓ ଅଡୁଗୁଡ଼ା ଠାରେ ଗାର୍ଡୱାଲ ନିର୍ମାଣ ନିମନ୍ତେ ବ୍ଲକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କନ୍ଧକାତିପଡ୍ଡୁ ଠାରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ କରିବାକୁ ସରପଞ୍ଚଙ୍କ ଦାବି ଉପରେ ପଦକ୍ଷେପ ନେବାକୁ ବ୍ଲକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଳାମୀ ପଞ୍ଚୟତରେ ମିଶିଥିବା ୩ ଗ୍ରାମକୁ କନ୍ଧକାତିପଡ୍ଡୁ ପଞ୍ଚାୟତକୁ ଫେରାଇ ଆଣିବାକୁ ପଦକ୍ଷେପ ନେବା ପାଇଁ ବ୍ଲକ ଅଧିକାରୀମାନଙ୍କୁ କହିଥିଲେ। ପିଡିଙ୍କ ଗସ୍ତବେଳେ ବିଡିଓଙ୍କ ସମେତ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଔଷଧ ଦୋକାନ ଉପରେ ଚଢ଼ାଉ



ଜୟପୁର,୩।୯(ନି.ପ୍ର.)-ଜୟପୁର ଅଞ୍ଚଳରେ ଔଷଧ ଦୋକାନରେ ସରକାରଙ୍କ ଦ୍ୱାରା ବେଆଇନ ଘୋଷିତ ଇଞ୍ଜେକ୍ସନ, ଟାବ୍‌ଲେଟ, କଫ୍ ସିରପ ବିକ୍ରି ହେଉଥିବା ଅଭିଯୋଗକୁ ଭିତ୍ତିକରି ଶୁକ୍ରବାର ଜୟପୁର ଅବକାରୀ ବିଭାଗ, ଡ୍ରଗ୍ସ ବିଭାଗ, ପୋଲିସ ମିଳିତ ଚଢ଼ାଉ କରିଥିଲେ। ୫ଟି ଔଷଧ ଦୋକାନ ଉପରେ ଚଢ଼ାଉ କରାଯାଇ ସାମ୍ପୁଲ ଜବତ ହୋଇଛି। ଏହାକୁ ଭୁବନେଶ୍ୱରସ୍ଥିତ ଲାବରେଟୋରିକୁ ପଠାଯିବ ବୋଲି ବିଭାଗ ସୂଚନା ଦେଇଛି। ଚଢ଼ାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଡ୍ରଗ୍ସ ଇନ୍ସପେକ୍ଟର ଚିନ୍ମୟ ଜେନା, ଅତିରିକ୍ତ ତହସିଲଦାର ମାନସ ଘଡ଼େଇ, ଟାଉନ ପୋଲିସ ସାମିଲ ହୋଇଥିଲେ।

### ଅସହାୟ ରୋଗୀଙ୍କୁ ରକ୍ତଦାନ କଲେ ରାହୁଲ



ମାଲକାନଗିରି,୩।୯(ଡି.ଏନ.ଏ.)- ମାଲକାନଗିରି ସଦର ବ୍ଲକ ତଣ୍ଡିକି ପଞ୍ଚାୟତର ଧାଙ୍ଗଡାୱାଡ଼ା ଗ୍ରାମର ବାସନ୍ତୀ କବାସି ରକ୍ତହିନତା ରୋଗରେ ପୀଡିତ ହୋଇ ଡାକ୍ତରଖାନାରେ ଜୀବନ ସହ ସଂଗ୍ରାମ କରୁଥିଲେ। ତାଙ୍କର ଚିକିତ୍ସା ସମୟରେ ଏବି ନେଗେଟିଭ ରକ୍ତ ଆବଶ୍ୟକ ପଡିଥିଲା। ଏହି ଗ୍ରୁପର ରକ୍ତ ମିଳିବା କଷ୍ଟକର ହୋଇଥିଲା। ଫଳରେ ବାସନ୍ତୀଙ୍କ ଅବସ୍ଥା ସଂକଟାପନ୍ନ ହୋଇପଡ଼ିଥିଲା। ଏହି ଖବର ପାଇ ଜିଲା ବିଜୁ ଯୁବ ଜନତା ଦଳର ସଦସ୍ୟ କେ. ରାହୁଲ ରାଓ ପହଞ୍ଚି ରକ୍ତଦାନ କରିଥିଲେ। ରାହୁଲଙ୍କ ଏପରି ପଦକ୍ଷେପ ଯୋଗୁ ବାସନ୍ତୀଙ୍କ ଜୀବନ ରକ୍ଷା ହୋଇପାରିଛି।

### ବୃକ୍ଷରୋପଣ କାର୍ଯ୍ୟକ୍ରମ

ନନ୍ଦପୁର,୩।୯ (ଡି.ଏନ.ଏ.)- କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥୁବା ପଞ୍ଚାୟତରେ ଶୁକ୍ରବାର ବୃକ୍ଷରୋପଣ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରଜନୀକାନ୍ତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନେତାଜୀ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ପଡିଆରେ ବିଭିନ୍ନ କିସମର ଚାରାରୋପଣ କରିଥିଲେ। ବିଦ୍ୟାଳୟ ଶିକ୍ଷକ ପ୍ରସନ୍ନ କୁମାର ଦାଶ, ଆସିଷ୍ଟାଣ୍ଟ ଇଂଜିନିୟର ଆର୍ତ୍ତତ୍ରାଣ ପାତ୍ର, କନିଷ୍ଠ ଯନ୍ତ୍ରୀ ଶୁଚିସ୍ମିତା ପରିଡା, ପିଇଓ ଧନେଶ୍ୱର ଚୌଧୁରୀ, ଜିଆରଏସ ହୃଷିକେଶ ସାହୁ, ପ୍ରଧାନ ଶିକ୍ଷକ ଜଗଦୀଶ ଚନ୍ଦ୍ର ପଣ୍ଡା, ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ରାଜ ଖେମୁଣ୍ଡୁ, ଶେଖ ଉସମାନ, ବଜେଡି ଯୁବନେତା ନୂର ମହମ୍ମଦ, ରାଜ ମହମ୍ମଦ, ଯାନ ମହମ୍ମଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ପୋଷଣ ସଚେତନତା ରଥ ଉଦ୍‌ଘାଟିତ

ଖଇରପୁଟ, ୩।୯(ଡି.ଏନ.ଏ.)-ମାଲାକନଗିରି ଜିଲା ଖଇରପୁଟ ବ୍ଲକ ଦାମଲଦେଈ ମନ୍ଦିର ପରିସରରେ ମାଧମ ଫାଉଣ୍ଡେସନ ସହଯୋଗରେ ବ୍ଲକସ୍ତରୀୟ ଜାତୀୟ ପୋଷଣ ସପ୍ତାହ ପାଳନ ଅବସରରେ ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଓଏଲଏମ୍‌ର ଚିନ୍ମୟ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଭିଏଲଡବ୍ଲ୍ୟୁ ସନ୍ତୋଷ ପାଢ଼ୀ, ସୌଭାଗ୍ୟ ମିଶ୍ର, ସଂଯୁକ୍ତା ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ରଥ ବ୍ଲକର ପୋଡଘାଟା,କୁଡୁମୁଲୁ- ଗୁମ୍ମା,ଗୋବିନ୍ଦପାଲିସହ ୧୧ଟି ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ସଚେତନ କରିବ। ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟକୁ ନେଇ ଖାଦ୍ୟମେଳା ମଧ୍ୟ ଆୟୋଜନ ହୋଇଥିଲା।

# ୪ ଲାଇନ ରାସ୍ତା ନେଇ ଜବରଦଖଲ ଉଚ୍ଛେଦ

କୋରାପୁଟ,୩।୯(ସ୍ୱ.ପ୍ର.)

କୋରାପୁଟ ସହର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଶୁକ୍ରବାର ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ରାସ୍ତା ୪ ଲାଇନବିଶିଷ୍ଟ ହେବ। ସହରର କଳାନିକେତନ ଛକଠାରୁ ରେଲବାଇ ଓଭରବ୍ରିଜ ପର୍ଯ୍ୟନ୍ତ ଯାଇଥିବା ଜାତୀୟ ରାଜପଥର ସୌନ୍ଦର୍ଯ୍ୟକରଣ କରାଯିବାକୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଏନେଇ ମାଇକ୍ ଯୋଗେ ଜବରଦଖଲରେ ଥିବା ସମସ୍ତ ବ୍ୟବସାୟୀଙ୍କୁ ଅବଗତ କରାଯାଇଥିଲା। ତହସିଲଦାର ରଞ୍ଜନ କୁମାର ମାନସେଠ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ।



ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଉଚ୍ଛେଦ କାର୍ଯ୍ୟରେ ପୌରନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟଙ୍କ ସହ ଟାଉନଥାନା ପୋଲିସ, ଜାତୀୟ ରାଜପଥ ଅଧିକାରୀ, ବିଦ୍ୟୁତ୍ ବିଭାଗ, ତହସିଲ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଶାସନ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଜବଦଖଲରେ ଥିବା ବ୍ୟବସାୟୀ ଓ ସ୍ଥାନୀୟ ବ୍ୟକ୍ତି ସେମାନଙ୍କ ସାମଗ୍ରୀ ନେଇଯାଇଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ସହର ଦେଇ ଯାଇଥିବା ଜାତୀୟ ରାଜପଥ ୬୬ ଫୁଟ ଓସାର କରାଯାଇ ୪ ଲାଇନବିଶିଷ୍ଟ ରାସ୍ତା ହେବ। ଡିଭାଇଡର କରାଯିବ। ରାସ୍ତା ମଝିରୁ ଉଭୟ ପାର୍ଶ୍ୱରେ ୩୩ ଫୁଟ ଲେଖାଏ ମାପି ଜବରଦଖଲ ଉଚ୍ଛେଦ କରାଯାଇଛି। ଡିଭାଇଡର କାର୍ଯ୍ୟ ପାଇଁ ୮୯ଟି ଗଛ କଟାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ସାମନ୍ତରାୟ କହିଛନ୍ତି।

- ଡିଭାଇଡର କାର୍ଯ୍ୟ ପାଇଁ କଟିବ ୮୯ ଗଛ
- ପୂର୍ବରୁ ପ୍ରଚାର କରି ଲୋକଙ୍କୁ ଅବଗତ କରାଯାଇଥିଲା
- ଉଚ୍ଛେଦ ବେଳେ କେହି ବିରୋଧ କରି ନ ଥିଲେ

# ବିରୋଧ କଲେ ୫ ୟୁନିୟନର କର୍ମକର୍ତ୍ତା

ଜୟପୁର, ୩।୯ (ନି.ପ୍ର.)

- ଟାଟା ପାୱାର ନିର୍ବାହୀ ଯନ୍ତ୍ରୀଙ୍କୁ ମାଡ଼ ମାରିବା ଘଟଣା
- ଆନ୍ଦୋଳନ ଚେତାବନୀ ଦେଲା ଇଞ୍ଜିନିୟର ଆସୋସିଏଶନ
- ୨ ମାମଲା ରୁଜୁ କରିଛି ପୋଲିସ

ଜୟପୁରରେ ଟିପିଏସଓଡିଏଲ ଡିଭିଜନ ଅଫିସରେ ପଶି ନିର୍ବାହୀଯନ୍ତ୍ରୀ ବସନ୍ତ କୁମାର ମହାପାତ୍ରଙ୍କୁ ମାଡ ମାରିବା ଘଟଣାକୁ ସଂଘ ନିନ୍ଦା କରିଛି। ଏନେଇ ଶୁକ୍ରବାର ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୩ଟି ଜିଲାର ୪ଟି ଡିଭିଜନର ୫ଟି ୟୁନିୟନର କର୍ମକର୍ତ୍ତା ଓ କର୍ମଚାରୀଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଏହି ଘଟଣାକୁ ତୀବ୍ର ବିରୋଧ କରାଯାଇ ତୁରନ୍ତ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବାକୁ ଦାବି କରାଯାଇଥିଲା। ଯଦି ଗିରଫ କରା ନ ଯିବ ତେବେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଭାଜପା କର୍ମୀମାନେ ନିବାହୀଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରି ସଦର ଥାନା ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏନେଇ ନିର୍ବାହଯନ୍ତ୍ରୀ ମହାପାତ୍ର ଥାନାରେ ଅଭିଯୋଗ କରିଥିଲେ। ଭାଜପା କର୍ମୀମାନେ ମଧ୍ୟ ଗୁରୁବାର ରାତିରେ ନିର୍ବାହୀଯନ୍ତ୍ରୀଙ୍କ ନାମରେ ଅଭିଯୋଗ କରିଥିଲେ। ଉଭୟ ଅଭିଯୋଗକୁ ଭିତ୍ତି କରି ସଦର ପୋଲିସ ଭାଜପା ନେତା ଗୌତମ ସାମନ୍ତରାୟଙ୍କ ସହ ନିର୍ବାହୀଯନ୍ତ୍ରୀଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାଯାଇଛି। ଅନ୍ୟପକ୍ଷରେ ଘଟଣାକୁ ନେଇ ଇଞ୍ଜିନିୟର ଆସୋସିଏଶନ କଡା ପ୍ରତିବାଦ କରିଛି। ଏସଡିପିଓ ଏବଂ ଉପ ଜିଲାପାଳଙ୍କୁ ଦାବିପତ୍ର ଦେଇଛି। ୩ଦିନ ମଧ୍ୟରେ ନିର୍ବାହୀଯନ୍ତ୍ରୀଙ୍କୁ ଆକ୍ରମଣ କରିଥିବା ବ୍ୟକ୍ତିମାନେ ଗିରଫ ନ ହେଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଆସୋସିଏଶନ ଚେତାବନୀ ଦେଇଛି।

ଜୟପୁର ବ୍ଲକ ବାଲିଆ ପଞ୍ଚାୟତ ନୁଆଗୁଡାର ଶତାଧିକ ଗ୍ରାମବାସୀ ଗୁରୁବାର ଟାଟା ପାୱାର ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ଗ୍ରାମର ପୋଡିଯାଇଥିବା ୨୫ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର କିପରି ମରାମତି ହୋଇ ସଂଯୋଗ ହେବ ଆଲୋଚନା କରୁଥିଲେ। ଗ୍ରାମର ଗ୍ରାମବାସୀଙ୍କ ଉପରେ ବିଦ୍ୟୁତ୍ ବିଲ୍ ବାବଦରେ ବକେୟା ପ୍ରାୟ ୪ ଲକ୍ଷ ଟଙ୍କା ରହିଛି। ଏଥିରୁ ୨୦ ପ୍ରତିଶତ ବାନ୍ଧିବାକୁ ନିର୍ବାହୀଯନ୍ତ୍ରୀ ମହାପାତ୍ର ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ଗ୍ରାମବାସୀ ଟଙ୍କା ବାନ୍ଧି ସାରି ନିବାହୀଯନ୍ତ୍ରୀଙ୍କ ସହ ଆଲୋଚନା କରୁଥିବା ବେଳେ ଭାଜପା ନେତା ଗୌତମ ସାମନ୍ତରାୟ, ଅରୁଣ ବେହେରା, ଲିଟି ପଟ୍ଟନାୟକଙ୍କ ସହ ଅନ୍ୟ ୩/୪ ଜଣ ନିବାହୀଯନ୍ତ୍ରୀଙ୍କ ରୁମ ଭିତରେ ପଶି ଟଙ୍କା ବାନ୍ଧିବୁ ନାହିଁ, ଟ୍ରାନ୍ସଫର୍ମର ଦେବାକୁ ପଡିବ ବୋଲି କହିଥିଲେ। ନିର୍ବାହୀଯନ୍ତ୍ରୀ ତାଙ୍କୁ ଅନେକ ବୁଝାଇବା ସତ୍ତ୍ୱେ ସେ କିଛି ଶୁଣି ନ ଥିଲେ। ସାମନ୍ତରାୟ ନିର୍ବାହୀଯନ୍ତ୍ରୀ ମହାପାତ୍ରଙ୍କ ଚେୟାର ପାଖକୁ ଯାଇ ତାଙ୍କ ବିଭାଗୀୟ ଆଇକାର୍ଡ ଛିଣ୍ଡାଇ ତାଙ୍କ ସିଟ୍ ପାଖରୁ ତାଙ୍କୁ ଧକ୍କା ମାରି ତୋର ଅଫିସରେ ରହିବା ଦରକାର ନାହିଁ ବୋଲି କହିଥିଲେ। ନିର୍ବାହୀଯନ୍ତ୍ରୀ ଭୟରେ ବାହାରକୁ ଚାଲି ଯାଇ ନିଜ ଗାଡି ପାଖରେ ଠିଆ ହୋଇଥିଲେ। ସାମନ୍ତରାୟ ତାଙ୍କୁ ପୁଣି ଗାଳିଗୁଲଜ କରି ଘୋଷାଡି ଅଫିସ ଭିତରକୁ ଧକ୍କା ମାରି ନେଇଥିଲେ। ମହାପାତ୍ର ତାଙ୍କ ଚାମ୍ବରକୁ ନ ଯାଇ ସହକର୍ମୀଙ୍କ ନିକଟକୁ ଯାଇଥିଲେ। ସାମନ୍ତରାୟଙ୍କ ସହ ଆସିଥିବା ଅନ୍ୟ ଲୋକମାନେ ଅଫିସର ଅସବାବପତ୍ର ବାଡେଇ ଭାଙ୍ଗି ରୁଜା କରିଥିଲେ। ଅନ୍ୟପକ୍ଷରେ ନିର୍ବାହୀଯନ୍ତ୍ରୀ ମହାପାତ୍ର ଗ୍ରାମବାସୀଙ୍କୁ ଜାତିକୁ ଆକ୍ଷେପ କରି ଗାଳିଗୁଲଜ କରିଥିଲେ ବୋଲି ସଦର ଥାନାରେ ଅଭିଯୋଗ ହୋଇଛି। ଏନେଇ ସଦର ଥାନାରେ ୨ଟି ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରିଛି।

# ଖୋଲା ସ୍ଥାନରେ ପରିଣତ ହେଲା ଭେଣ୍ଡିଂ ଜୋନ୍ ଅଞ୍ଚଳ

ସୁନାବେଡା,୩।୯(ସ୍ୱ. ପ୍ର.)

ସୁନାବେଡା ପୌର ପରିଷଦ ପକ୍ଷରୁ ସହରର ବିକାଶ ଧାରାକୁ ତରାନ୍ୱିତ କରିବା ଲାଗି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ତେବେ ଏପରି ହୋଇଥିବା ଅନେକ ଉନ୍ନୟନମୂଳକ କାର୍ଯ୍ୟରୁ ଲୋକେ ଉପକୃତ ହେଉ ନ ଥିବା ଅଭିଯୋଗ ହେଉଛି। ଏପରି ଅନେକ ପ୍ରକଳ୍ପରେ ବହୁ ଅର୍ଥ ବ୍ୟୟ ହୋଇଥିଲେ ମଧ୍ୟ ସେଗୁଡିକ ପଡିରହି ନଷ୍ଟ ହେଉଛି। ଏପରି ଏକ ନଜୀର ଦେଖିବାକୁ ମିଳିଛି ସହରରେ ହୋଇଥିବା ମିନି ଭେଣ୍ଡିଂ ଜୋନ। ପୌର ପରିଷଦର ୱାର୍ଡ ନଂ. ୧୨ ଟ୍ରାଫିକ ଛକରୁ ଚର୍ଚ୍ଚ କଲୋନୀ ଓ ଡିପି କ୍ୟାମ୍ପ ରାସ୍ତା ପାର୍ଶ୍ୱରେ ଗତ ୬ ବର୍ଷ ତଳେ ୨୦୧୫ ଅଗଷ୍ଟରେ ପୌର ପରିଷଦ କଲୋନୀଠାରେ ଏହି ଭେଣ୍ଡଂ ଜୋନ ଆରମ୍ଭ ହୋଇଥିଲା। ପୂର୍ବତନ ଏମ୍‌ପି ଝିନ୍ନ ହିକାକା ଓ ପୂର୍ବତନ କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ନଗର ପାଳିକା ଶୁଭଶ୍ରୀ ମଲ୍ଲିକ ଓ ପୂର୍ବତନ ନିର୍ବାହୀ ଅଧିକାରୀ ଅତିଥି ରୂପେ ଉପସ୍ଥିତ ଥିଲେ। ରାସ୍ତା କଡ଼ରେ ବିକ୍ରି କରୁଥିବା ଉଠା ଦୋକାନୀ ଏବଂ ପନିପରିବା ବ୍ୟବସାୟୀଙ୍କୁ ଏହି ଭେଣ୍ଡି ଜୋନାରୁ ଦୋକାନ ଗୃହ ଦେବାକୁ ସେତେବେଳେ ସ୍ଥିର ହୋଇଥିଲା। ମାତ୍ର ଏହି ଭେଣ୍ଡିଂ ଜୋନ ଉଦ୍‌ଘାଟନର କିଛି ଦିନ ବ୍ୟବହାର ହୋଇ ତା'ପରଠାରୁ ବନ୍ଦ ହୋଇ ପଡିଛି। ଏହାକୁ ପ୍ରଶାସନ ବ୍ୟବହାରରେ ଲଗାଇବା ବଦଳରେ ରାତିଅଧିଆ ପାର୍କରେ ପରିଣତ କରିଥିଲା। ଗୋଟିଏ ସ୍ଥାନରେ ବାରମ୍ବାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ପଛରେ କି ଉଦ୍ଦେଶ୍ୟ ରହିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏନେଇ ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କୁ ପଚାରିବାରୁ ସେ କହିଲେ ଯେ, ଦୀର୍ଘ ଦିନ ଧରି ଭେଣ୍ଡିଂ ଜୋନ କର୍ଯ୍ୟକ୍ଷମ ନ ହେବାରୁ ଏହାକୁ ସରକାରଙ୍କ ମୁକ୍ତା ଯୋଜନାରେ ଖୋଲା ସ୍ଥାନରେ ରୂପାନ୍ତରିତ କରାଯାଇଛି। ଏହା ପାର୍କ ନୁହେଁ। ଏଠାରେ ଲୋକଙ୍କ ପାଇଁ ଖେଳକୁଦ ସହ ବ୍ୟାୟାମ ବ୍ୟବସ୍ଥା ହୋଇଛି। ଏହା ସିଭିଲ କାର୍ଯ୍ୟ ହୋଇ ନ ଥିବାରୁ ଏଥିପାଇଁ ଟେଣ୍ଡରର ଆବଶ୍ୟକତା ନାହିଁ ବୋଲି ଜମାଦାର କହିଥିଲେ।



ଭେଣ୍ଡିଂ ଜୋନ ପରେ ଖୋଲାସ୍ଥାନରେ ପରିଣତ ହୋଇଥିବା ସ୍ଥାନ।

**ଯୋଜନା ଅନୁସାରେ ସୁଫଳ ପାଉନାହାନ୍ତି ଲୋକେ**

# ବିଦ୍ୟାଳୟକୁ ନିୟମିତ ଆସୁନାହାନ୍ତି ଶିକ୍ଷକ, କର୍ମଚାରୀ

କାଳିମେଳା,୩।୯(ଡି.ଏନ୍.ଏ.)

ମାଲକାନଗିରିଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ମାନ୍ୟମକୋଣ୍ଡା ପଞ୍ଚାୟତର ରାଜଗିରି ଆଶ୍ରମ ବିଦ୍ୟାଳୟରେ ଗୁରୁବାର ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। କୋଭିଡ୍ କଟକଣା ଯୋଗୁ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଆସୁ ନ ଥିବା ବେଳେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟ କର୍ମଚାରୀ ବିଦ୍ୟାଳୟର ଅନ୍ୟ ସମସ୍ତ କାର୍ଯ୍ୟ ପରିଚାଳନା ଲାଗି ଉପସ୍ଥିତ ରହିବା କଥା। ମାତ୍ର ସରକାରଙ୍କ ନିର୍ଦ୍ଦେଶକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ପ୍ରଧାନ ଶିକ୍ଷକ ଦିଲୀପ ପ୍ରଧାନ ନିଜେ ଆସୁ ନ ଥିବା ବେଳେ ଅନ୍ୟ ୩ ଜଣ ଶିକ୍ଷକ ମୁନା ଗୌଡ଼, ନନିଗୋପାଳ ନାଥ, ଶିକ୍ଷୟିତ୍ରୀ ଗୌରୀ ଖରା ମଧ୍ୟ ଅନୁପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ଥିବା ଶିକ୍ଷକ କ୍ୱାର୍ଟର୍ସରେ ରହୁଥିବା ଶିକ୍ଷୟିତ୍ରୀ ସାବିତ୍ରୀ ନାୟକ ମଧ୍ୟ ବିଦ୍ୟାଳୟକୁ ଆସି ନ ଥିଲେ। ଛାତ୍ରୀଛାତ୍ରଙ୍କୁ ବହି, ପୋଷାକ,ମଧ୍ୟାହ୍ନଭୋଜନ ବାବଦ ଚାଉଳ, ତେଲଲୁଣ ସାମଗ୍ରୀ, ଆଇରନ ବଟିକା, ପୋଷାକ ଆଦି ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ଡାକି ଅନ୍ୟ ବିଦ୍ୟାଳୟଗୁଡିକରେ ପ୍ରଦାନ କରାଯାଉଥିଲେ ମଧ୍ୟ ଏହି ଆଶ୍ରମ ବିଦ୍ୟାଳୟରେ ତାହା ପ୍ରଦାନ କରାଯାଉନାହିଁ। ବହୁଦିନ ଧରି ଏଭଳି ଅବ୍ୟବସ୍ଥାରେ ଆଶ୍ରମ ବିଦ୍ୟାଳୟ ଚାଲିଆସୁଥିବା ବେଳେ ଦାୟିତ୍ୱରେ ଥିବା ବ୍ଲକ ସମ୍ପ୍ରସାରଣ ଅଧିକାରୀ କିମ୍ବା ଜିଲା ଅଧିକାରୀ ଏ ନେଇ କୌଣସି ପଦକ୍ଷେପ ନ ନେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କ ପ୍ରଧାନଙ୍କୁ ପଚାରିବାରୁ ସେ ବ୍ୟକ୍ତିଗତ କାର୍ଯ୍ୟରେ ବାହାରକୁ ଚାଲିଯିବାରୁ ଗୁରୁବାର ବିଦ୍ୟାଳୟରେ ଅନୁପସ୍ଥିତ ଥିବା ସ୍ୱୀକାର କରିଥିଲେ। ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ମଧ୍ୟ ବିଦ୍ୟାଳୟ ଆସି ନ ଥିବା ସେ କହିଥିଲେ। ବ୍ଲକ ସମ୍ପ୍ରସାରଣ ଅଧିକାରୀ ଭରତ ଗୁରୁଙ୍କୁ ପଚାରିବାରୁ ତାଙ୍କ ନିକଟରେ କୌଣସି ଖବର ନ ଥିବା କହିଥିଲେ। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ୫ମାସ ହେଲା ଦରମା ପାଇନାହାନ୍ତି ଆତ୍ମା କର୍ମଚାରୀ

ମାଲକାନଗିରି,୩।୯(ଡି.ଏନ.ଏ.)– ମାଲକାନଗିରି ଜିଲାରେ କୃଷି ବିଭାଗର ଆତ୍ମା ପ୍ରକଳ୍ପରେ କାର୍ଯ୍ୟ କରୁଥିବା ୧୮ ଜଣ କର୍ମଚାରୀ ଦୀର୍ଘ ୫ ମାସ ହେଲା ଦରମା ପାଇନାହାନ୍ତି। ଫଳରେ ସେମାନେ ଶୁକ୍ରବାର କୃଷି ଅଧିକାରୀ ଏମ. ଆନନ୍ଦ ରାଓଙ୍କୁ ଏକ ଦାବିପତ୍ର ଦେଇଛନ୍ତି। କୋଭିଡ ମହାମାରୀ ସମୟରେ ନିଜ କର୍ତ୍ତବ୍ୟ ଠିକ୍ ରୂପେ ସମ୍ପାଦନ କରି ଆସୁଥିବା ଏହି କର୍ମଚାରୀମାନେ ଦରମା ନ ପାଇ ଖୁବ୍ କଷ୍ଟରେ ପରିବାର ଚଳାଉଛନ୍ତି। ଆତ୍ମା ପ୍ରକଳ୍ପର ନିର୍ଦ୍ଦେଶକଙ୍କ ପତ୍ର ସଂଖ୍ୟା ୨୯୯୪,୨୯।୬।୨୦୧୮ ଅନୁଯାୟୀ କର୍ମଚାରୀମାନେ ବାର୍ଷିକ ଦରମାର ୧୦ ପ୍ରତିଶତ ମହଙ୍ଗା ଭତ୍ତା ପାଇବା ପାଇଁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଏଯାଏ ସେମାନେ ଏଥିରୁ ବଞ୍ଚିତ ହୋଇ ରହିଛନ୍ତି। ତୁରନ୍ତ ସେମାନଙ୍କୁ ୫ ମାସର ଦରମା ଦେବା ସହ ଅନ୍ୟାନ୍ୟ ଆର୍ଥିକ ସୁବିଧା ଯୋଗାଇ ଦେବାକୁ କର୍ମଚାରୀ ରବିନ ଦାସ, ବିଶ୍ୱଜିତ ମହାନ୍ତି, ସୁନିଲ ମହାନ୍ତି , ରାଜୁ ଶର୍ମାଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

### ବିଦ୍ୟୁତ୍ ଆଘାତରେ ଚାଷୀ ଗୁରୁତର

ବିଷମକଟକ,୩।୯(ଡି.ଏନ୍.ଏ.)– ରାୟଗଡ଼ା ଜିଲା ବିଷମକଟକ ବ୍ଲକ ବଡ଼ ଧାଣ୍ଡରା ଗ୍ରାମର ଚାଷୀ ଲିଟୁ ସାରକା(୨୫) ରେଳ ଧାରଣା ପାରି ହୋଇ ଜମିକୁ ଯିବା ସମୟରେ କୌଣସି କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ପାଖ ଜମିରେ କାମ କରୁଥିବା ଚାଷୀମାନେ ଲିଟୁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଙ୍କର ଶରୀରର ୫୦ ଭାଗ ପୋଡ଼ିଯାଇଥିବାରୁ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଜଳଦୂତଙ୍କ ଗ୍ରୀନ୍ସ ଫାର୍ମସ ନେଇ ପ୍ରଶ୍ନ ଉଠାଇଲେ ସଦସ୍ୟ



ଗ୍ରୀନ୍ସ ଫାର୍ମସ ନେଇ ପ୍ରଶ୍ନ ଉଠାଇଥିବା ସଦସ୍ୟମାନେ

ମାଲକାନଗିରି,୩।୯(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଜଳଦୂତ ରୂପେ ପରିଚିତ ଏମ୍‌ପିଭି-୬୯ ଗ୍ରାମର ଉତ୍ତମ ମଲ୍ଲିକଙ୍କ ବିଭିନ୍ନ କାରବାର ସମ୍ପର୍କରେ ସନ୍ଦେହ ପ୍ରକାଶ କରି ପୋଲିସ ତାଙ୍କୁ ଗୁରୁବାର ଘରୁ ଉଠାଇନେଇଥିଲା। ପରେ ତାଙ୍କୁ ପଚରାଉଚରା କରି ତାଙ୍କର ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିବା ପରେ ଛାଡ଼ି ଦେଇଛି।

ଖବରରୁ ଜଣାପଡ଼ିଛି ଏମ୍‌ପିଭି-୬୯ ଗ୍ରାମରେ ଚାଷୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇଦେବାକୁ ଉତ୍ତମ ଗ୍ରୀନ୍ସ ଫାର୍ମସ ନାମରେ ଏକ ସଂସ୍ଥା ଖୋଲିଥିଲେ। ଏହି ସଂସ୍ଥାରେ ପ୍ରବେଶ ଲାଗି ସେ ଚାଷୀଙ୍କଠାରୁ ଦରଖାସ୍ତ ଫି ବାବଦରେ ୨୫୦ ଟଙ୍କା ଓ ସଦସ୍ୟ ପାଇଁ ୨୫୦ ଟଙ୍କା ଲେଖାଏ ଆଦାୟ କରିଥିଲେ। ଏହି ଆଦାୟ ଅର୍ଥ ସେ ମାଲକାନଗିରିର କୌଣସି ବ୍ୟାଙ୍କରେ ନ ରଖି ହାଇଦ୍ରାବାଦର ଏକ ବ୍ୟାଙ୍କରେ ନେଇ ରଖିଥିଲେ। ଅର୍ଥ ଦେଇ ସଂସ୍ଥାର ସଦସ୍ୟ ହୋଇ କୌଣସି ଭାବେ ଉପକୃତ ନ ହେବା, ପଡ଼ିଆ ଓ କାଲିମେଳାର କୌଣସି ସ୍ଥାନରେ ସଂସ୍ଥାର କୌଣସି ଫାର୍ମ ହାଉସ୍ ନ ଥିବା ଯୋଗୁ ଉତ୍ତମଙ୍କ କାର୍ଯ୍ୟକଳାପ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। କାଲିମେଳା ବ୍ଲକ ଟିଗଲ ପଞ୍ଚାୟତ ଏମ୍‌ପିଭି-୧୨୯ ଏବଂ ଏମ୍‌ଭି- ୩୬ ଗ୍ରାମର କେତେଜଣ ଚାଷୀ ତାଙ୍କ କାର୍ଯ୍ୟକଳାପ ପ୍ରତି ସନ୍ଦେହ ପ୍ରକଟ କରିଥିଲେ। ଏହି ଦୁଇ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୫ ହଜାର ଚାଷୀ ସଦସ୍ୟତା ଗ୍ରହଣକରି କୌଣସି ସୁଫଳ ପାଇନାହାନ୍ତି। ଏ ସମ୍ପର୍କରେ ସୂଚନା ପାଇ ଗୁରୁବାର ମାଲକାନଗିରି ପୋଲିସ ଉତ୍ତମଙ୍କୁ ଘରୁ ଉଠାଇନେଇ ଥାନାରେ ପଚରାଉଚୁରା କରିଥିଲା। ତାଙ୍କର ସମସ୍ତ ନଥିପତ୍ର ଯାଞ୍ଚକରି ପୋଲିସ ତାଙ୍କୁ ଛାଡି ଦେଇଥିଲା। ଏ ସମ୍ପର୍କରେ ପଚାରିବାରୁ ଉତ୍ତମ କହିଛନ୍ତି, ମାଲକାନଗିରି ଜିଲାରେ କୌଣସି ଶିଳ୍ପସଂସ୍ଥା ନ ଥିବାରୁ ଜିଲାରେ ଚାଷୀମାନଙ୍କ ପାଇଁ ଏକ ଜୈବିକ ଖତ ପ୍ରସ୍ତୁତି କାରଖାନା ପ୍ରତିଷ୍ଠା କରାଯିବା ଲକ୍ଷ୍ୟ ରହିଛି। ଯେଉଁମାନେ ଗ୍ରୀନ୍ସ ଫାର୍ମସରେ ସଦସ୍ୟତା ଗ୍ରହଣ କରିଛନ୍ତି ସେମାନଙ୍କୁ କର୍ମନିଯୁକ୍ତି ଯୋଗାଇବା ଏବଂ ସେମାନଙ୍କୁ ୨୦ ପ୍ରତିଶତ ରିହାତି ମୂଲ୍ୟରେ ଜୈବିକ ସାର ପ୍ରଦାନ କରାଯିବ। ଗ୍ରୀନ୍ସ ଫାର୍ମସ ପାଇଁ ୧୦ ହଜାର ସଭ୍ୟ ସଂଗ୍ରହ କରିବାକୁ ଲକ୍ଷ୍ୟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫ ହଜାର ସଭ୍ୟ ସଂଗ୍ରହ କରାଯାଇଛି। ଫାର୍ମ ହାଉସ୍ କରାଯିବାକୁ ଏମ୍‌ଭି-୧୫ ଗ୍ରାମରେ ଜମି ଖରିଦ ସରିଲାଣି। କାରଖାନା ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। କୌଣସି ଚାଷୀଙ୍କୁ ଠକିବା ସଂସ୍ଥାର ଉଦ୍ଦେଶ୍ୟ ନୁହେଁ ବୋଲି ଉତ୍ତମ କହିଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ଅଭିଲାଷ ଜିଙ୍କୁ ପଚାରିବାରୁ ସେ କହିଲେ, ଜିଲାରେ କାରଖାନା ପ୍ରତିଷ୍ଠା ପରି ଏକ ପ୍ରୋଜେକ୍ଟ ହେଉଥିବା ସୂଚନା ପାଇ ଏହାର ସତ୍ୟତା ପରଖିବାକୁ ଉତ୍ତମଙ୍କୁ ଆଣିଥିଲୁ। ତାଙ୍କ କାଗଜପତ୍ର ଯାଞ୍ଚ ପରେ ତାଙ୍କୁ ଛାଡ଼ି ଦିଆଯାଇଛି।

# ନାଲ୍‌କୋ ବକ୍ସାଇଟ୍ ଖଣିକୁ ଗାଡ଼ିଚଳାଚଳ ବନ୍ଦ କଲେ ବିସ୍ଥାପିତ ଜମିହରା

ଦାମନଯୋଡି,୩।୯(ଡି.ଏନ.ଏ.)–

କୋରାପୁଟ ଜିଲା ଦାମନଯୋଡିସ୍ଥିତ ନାଲକୋ କାରଖାନା ଯୋଗୁ ବିସ୍ଥାପିତ ଜମିହରା ପରିବାରଙ୍କ ସ୍ଥାୟୀ ନିଯୁକ୍ତି ଏବଂ ବିସ୍ଥାପିତ ପରିବାରଙ୍କ ପାଇଁ ଚାକିରି ସଂରକ୍ଷଣ ଦାବିରେ ବିସ୍ଥାପିତଙ୍କ ପକ୍ଷରୁ ଅଁଳାବାଡି କୋଲନୀ ଛକଠାରେ ଚାଲିଥିବା ଧାରଣା ୫ମାସ ପୂରଣ ହେବାକୁ ଯାଉଛି। ସେମାନଙ୍କ ଏକ ପ୍ରତିନିଧି ଦଳ ନିକଟରେ ଭୁବନେଶ୍ୱର ଯାଇ ନାଲକୋ ପ୍ରଶାସନ ସହ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ସନ୍ତୋଷଜନକ ନହେବାରୁ ବିସ୍ଥାପିତ ଜମିହରାମାନେ ଶୁକ୍ରବାର ସକାଳୁ ପଞ୍ଚପଟ୍ଟମାଳି ବକ୍ସାଇଟ ଖଣିକୁ ଗାଡି ଚଳାଚଳ ବନ୍ଦ କରାଇଛନ୍ତି। ଫଳରେ କର୍ମଚାରୀମାନେ ଖଣିକୁ ଯାଇପାରି ନ ଥିବା ଜଣାପଡିଛି। ଲୋକେ ଧାରଣା ଦେବାର ପ୍ରାୟ ପାଞ୍ଚ ମାସ ବିତିଯାଇଥିଲେ ମଧ୍ୟ ନାଲକୋ ପ୍ରଶାସନ କିମ୍ବା ଜିଲା ପ୍ରଶାସନ ସେମାନଙ୍କ ଦାବିପୂରଣ ପ୍ରତି କୌଣସି ତତ୍ପରତା ଦେଖାଉନାହିଁ। ବାରମ୍ବାର ଉଭୟ ପ୍ରଶାସନକୁ ସ୍ମାରକପତ୍ର ଦେଇ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଜମିହରାମାନେ ଅଭିଯୋଗ କରିଛନ୍ତି। ମାର୍ଚ୍ଚ ୧୭ରୁ ସେମାନେ ଧାରଣାରେ ବସି ରହିଛନ୍ତି। ଆନ୍ଦୋଳନ ତୀବ୍ର ହେବାରୁ ଏକ ତ୍ରିପାକ୍ଷିକ ବୈଠକ ବସି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ୩ମାସ ସମୟ ମଗାଯାଇଥିଲା। ମାତ୍ର ଏହି ସମୟ ମଧ୍ୟ ସେମାନଙ୍କ ଲାଗି କୌଣସି ବିଶେଷ ପଦକ୍ଷେପ ନିଆଯାଇନି। ଭୁବନେଶ୍ୱରରେ ବୈଠକ ଆୟୋଜିତ ହୋଇଥିଲେ ମଧ୍ୟ ତାହା ବିଫଳ ହୋଇଛି। ଅନ୍ୟପକ୍ଷରେ ବିସ୍ଥାପିତଙ୍କୁ ମନେଇବା ପାଇଁ ପୁଣି ଥରେ ଭୁବନେଶ୍ୱରରେ ଆଲୋଚନା ପାଇଁ ଉଦ୍ୟମ କରାଯାଉଥିବା ଖବର ମିଳିଛି।

# ପ୍ରଥମେ ଲୋକଙ୍କ ସେବା, ପରେ ପରିବାଚାଷ

ମାଲକାନଗିରି,୩।୯(ଡି.ଏନ୍.ଏ.)

ଜନପ୍ରତିନିଧି ରୂପେ ଲୋକଙ୍କ ସେବା କରୁଛନ୍ତି। ମାତ୍ର ନିଜର ବୃତ୍ତି ଚାଷକୁ ଭୁଲିପାରିନାହାନ୍ତି। ଠିକଣା ସମୟରେ ଜମିରେ ପହଞ୍ଚି ଚାଷକୁ ଆଗେଇ ନେବାରେ ସେ ଧୁରନ୍ଧର। ସେ ହେଉଛନ୍ତି ମହିଳା ସରପଞ୍ଚ ରୀନା ମାଢ଼ି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନିଲାକାମ୍ବେରୁ ପଞ୍ଚାୟତର ସେ ସରପଞ୍ଚ। ସରପଞ୍ଚ ଭାବେ ପଞ୍ଚାୟତବାସୀଙ୍କ ସେବା କରିବା ସହ ଜମିରେ ପରିବାଚାଷକରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ନିଜ ଜମିରେ ରୀନା ବାଇଗଣ, ଭେଣ୍ଡି, ବୋଇତାଳୁ, ଜହ୍ନି, ଲାଉ, ମକା , ଫୁଲକୋବି ଭଳି ପରିବା ଚାଷକରି ପ୍ରତ୍ୟହ ତଟକା ପରିବା ବଜାରରେ ବିକ୍ରି କରି ବେଶ୍ ରୋଜଗାରକ୍ଷମ ହୋଇପାରିଛନ୍ତି। ସରପଞ୍ଚ ହୋଇଥିଲେ ମଧ୍ୟ ଜମିରେ କାମ କରିବା ଏବଂ ପରିବା ବିକ୍ରି କରିବା ଭଳି କାମକୁ କେବେ ନାପସନ୍ଦ କରନ୍ତି ନାହିଁ। ଚାଷକାମରେ ରାନୀଙ୍କୁ ତାଙ୍କ ସ୍ୱାମୀ ସହଯୋଗ କରନ୍ତି। ସରପଞ୍ଚ ହୋଇ ପ୍ରଥମେ ସେ ଲୋକଙ୍କ ସେବାକୁ ପ୍ରାଥମିକତା ଦେଇଥାନ୍ତି। ପରେ ପରିବାର ଏବଂ ଚାଷକାର୍ଯ୍ୟ ତାଙ୍କ ପସନ୍ଦ ବୋଲି କହନ୍ତି ସେ। ପରିଶ୍ରମ କରି ଯେକୌଣସି କାର୍ଯ୍ୟକଲେ ଅନ୍ୟମାନେ ମଧ୍ୟ ସ୍ୱାବଲମ୍ବୀ ହୋଇପାରିବେ ବୋଲି ତାଙ୍କର ମତ।



ନିଜ ଜମିରେ କରିଥିବା ବୋଇତାଳୁ ଚାଷକୁ ଦେଖାଉଛନ୍ତି ରୀନା।

**ମହିଳା ସରପଞ୍ଚ ରୀନା**

# ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣରେ ଅନିୟମିତତା ଅଭିଯୋଗ

ମାଲକାନଗିରି,୩।୯(ଡି.ଏନ୍.ଏ.)

- ପୋଷାକ କ୍ରୟରେ ସମ୍ପୃକ୍ତ ରହୁଛନ୍ତି ଶିକ୍ଷକ,ସିଆର୍‌ସିସି,
- ପରିଚାଳନା କମିଟି ଆକାଉଣ୍ଟକୁ ଯାଉଛି ଅର୍ଥ
- ନିୟମ ଖିଲାପକଲେ କାର୍ଯ୍ୟାନୁଷ୍ଠାନ: ଜିଲା ଶିକ୍ଷାଧିକାରୀ

ମାଲକାନଗିରି ଜିଲାରେ ପ୍ରତିବର୍ଷ ଲକ୍ଷାଧିକ ଛାତ୍ରୀଛାତ୍ରଙ୍କ ପାଇଁ ସରକାର ପୋଷାକ ବାବଦରେ ଅର୍ଥ ଯୋଗାଇ ଦେଉଛନ୍ତି। ମାତ୍ର ପୋଷାକ କିଣାରେ ଅନିୟମିତତା ହେଉଥିବା ସବୁବେଳେ ଅଭିଯୋଗ ଉଠୁଛି। କେବେ କ୍ରୟ ପୋଷାକ ଛାତ୍ରୀଛାତ୍ରଙ୍କୁ ହେଉନାହିଁ ତ କେବେ ଏହା ଅତି ନିମ୍ନମାନର ହୋଇଥିବା ଆଲୋଚନା ହେଉଛି। ଚଳିତ ବର୍ଷ ଜିଲା ପ୍ରଶାସନ ପକ୍ଷରୁ ଏକ ନିୟମ ପ୍ରସ୍ତୁତ କରି ପ୍ରତ୍ୟେକ ବ୍ଲକର ବିଡିଓ, ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଏଥିପାଇଁ ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ଆବେଦନ କରିବେ ସେମାନଙ୍କ ସଞ୍ଚୟ ଖାତାରେ ୫୦ ହଜାର ଟଙ୍କା ଜମା ଥିବ, ଅତି କମ୍‌ରେ ୫ଟି ସିଲେଇ ମେଶିନ ଥିବ, ପାନ୍‌କାର୍ଡ ସହ ତାଙ୍କର ଜିଏସ୍‌ଟି ପଞ୍ଜୀକରଣ ଥିବା ବିଲ୍ ଥିବ। ଏହି ନିୟମ ଅନୁପାଳନ କରୁଥିବା ଗୋଷ୍ଠୀ ବ୍ଲକ କାର୍ଯ୍ୟାଳୟରେ ପୋଷାକ ବିତରଣ ପାଇଁ ନମୁନା ଓ କୋଟେଶନ ସହ ଆବେଦନ କରିପାରିବେ। ପ୍ରଶାସନ ପକ୍ଷରୁ ଗଠିତ କମିଟି ଦ୍ୱାରା ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ଚୟନ ହେବେ ସେ ଉତ୍ତମ କପଡ଼ା ଆଣି ସମାନ ସାଇଜ ପୋଷାକ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତୁତକରି ବିତରଣ କରିବା ନେଇ ବ୍ୟବସ୍ଥା ହୋଇଥିଲା। ମାତ୍ର ଜିଲାର ଅନେକ ଅଞ୍ଚଳରେ ସିଆର୍‌ସିସିମାନେ କେତେଜଣ ଶିକ୍ଷକଙ୍କୁ ମାଲକାନଗିରି, ବାଲିମେଳାର ବଡ଼ ଲୁଗାଦୋକାନରୁ ନିମ୍ନମାନର, କମ୍ ଦର ଏବଂ ଉପଯୁକ୍ତ ସାଇଜ ନ ଥିବା ପୋଷାକ ଖରିଦ କରି ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ଦେଇ ପରିଚାଳନା କମିଟି ନାମରେ ଆସିଥିବା ପୋଷାକ ବାବଦ ଚେକ୍ ତୁରନ୍ତ ଦେବାକୁ ବାଧ କରୁଥିବା କେତେକ ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ ଓ ପରିଚାଳନା କମିଟି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ତଥା ସର୍ବଶିକ୍ଷା ଅଭିଯାନର ଜିଲା ସଂଯୋଜକ ମାନସ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଯଦି ରହିଥିବା ନିୟମ ଖିଲାପ କରି କୌଣସି ଶିକ୍ଷକ, ସିଆର୍‌ସିସି ଏହି କାରବାରରେ ସମ୍ପୃକ୍ତ ରହି ବିଦ୍ୟାଳୟକୁ ପରୋକ୍ଷରେ ପୋଷାକ ବିତରଣ କରିଥିବା ଅଭିଯୋଗ ଆସିବ ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଏ ବାବଦ ଅର୍ଥ ବିଦ୍ୟାଳୟ ପରିଚାଳନା କମିଟି ଆକାଉଣ୍ଟକୁ ଆସୁଛି। ଅଥଚ ପୋଷାକ ଚୟନ, ଖରିଦ ସମୟରେ ପରିଚାଳନା କମିଟି ସଦସ୍ୟଙ୍କୁ ସାମିଲ କରାଯାଉନାହିଁ। ଫଳରେ ଏହି ଅର୍ଥ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ କିପରି ପ୍ରଦାନ କରାଯିବ ବୋଲି ଅନେକ ପରିଚାଳନା କମିଟି ସଭାପତି,ପ୍ରଧାନ ଶିକ୍ଷକ ପ୍ରଶ୍ନ ଉଠାଇଛନ୍ତି।

